୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ଖେଳ

# ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

Bhubaneswar Wednesday November 12 ଭୁବନେଶ୍ୱର ବୁଧବାର, ୧୨, ୨୦୨୫ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



## ସମାଜସେବା ଓ ସଚେତନତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପାରାଦୀପ କଲେଜ ଏନସିସି ଆଲୁମୁନି ଆସୋସିଏସନ ସମ୍ବର୍ଦ୍ଧିତ



ପାରାଦୀପ,(ପି.ଏନ): ପାରାଦୀପ କଲେଜ ଏନସିସି ଏଲୁମୁନି ଅସୋସିଏସନ୍ ସମାଜ ସେବା ଓ ସଚେତନତା କାର୍ଯ୍ୟକ୍ରମରେ ଉଲ୍ଲେଖନୀୟ ଅବଦାନ ପାଇଁ ବାଲିଯାତ୍ରା ମହୋତ୍ସବରେ ସମ୍ମାନିତ ହୋଇଛନ୍ତି । ଏହି ମହୋତ୍ସବ ସମୟରେ ଏନସିସି ଏବଂ ଏନସିସି ଆଲୁମୁନି ଅସୋସିଏସନ ପକ୍ଷରୁ "ଡ୍ରଗ୍ସ ବିରୋଧୀ ଅଭିଯାନ", "ସଡକ ସୁରକ୍ଷା ସଚେତନତା", "ସାଇବର ସୁରକ୍ଷା ସଚେତନତା" ଓ "ଭିଜିଲାନ୍ସ ସଚେତନତା" ଭଳି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ କରିଆସୁଛନ୍ତି ଓ ସରକାରୀ ଯୋଜନାଗୁଡ଼ିକୁ ଲୋକଙ୍କ ମଧ୍ୟରେ ପହଂଚାଇବାରେ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସୁଛନ୍ତି । ଏହି ଅନୁଷ୍ଠାନ ନିରନ୍ତର ସମାଜ ସେବା, ବୃକ୍ଷରୋପଣ, ରକ୍ତଦାନ ଶିବିର, ଗ୍ରୀଷ୍ମକାଳରେ ଦହି-ପାଣି ବଂଟନ ଏବଂ ପ୍ରତି ରବିବାର ସମୁଦ୍ରତଟ ସଫେଇ ଅଭିଯାନ ନିୟମିତ ବ୍ୟବଧାନରେ କରିଆସୁଛି ଯାହା ଏହି ସଂଗଠନକୁ ଅଂଚଳରେ ସମ୍ମାନ ଓ ଖ୍ୟାତି ଆଣି ଦେଇଛି । ସଭାପତି ଅମ୍ବିକା ପ୍ରସାଦ ମହାପାତ୍ର କୃତଜ୍ଞତା ବ୍ୟକ୍ତ କରି କହିଛନ୍ତି ଯେ, ଏହି ସମ୍ମାନ ଆମର ସମସ୍ତ କ୍ୟାଡେଟ ଓ ଆଲୁମୁନି ସଦସ୍ୟଙ୍କୁ ଆଗାମୀ ଦିନରେ ଅଧିକରୁ ଅଧିକ ସମାଜସେବା କରିବା ପାଇଁ ପ୍ରେରିତ କରିବ । ସେ ବାଲିଯାତ୍ରା ମହୋତ୍ସବ କମିଟିର ଅଧ୍ୟକ୍ଷ ଓ ଜଗତସିଂହପୁର ଜିଲ୍ଲାପାଳ ଜେ.ସୋନାଲ, ଉପାଧ୍ୟକ୍ଷ ଓ ପାରାଦୀପ ଏ.ଡି.ଏମ. ନିରଞ୍ଜନ ବେହେରା ଏବଂ ପାରାଦୀପ ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡାଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଏବଂ ଆସନ୍ତା ୨୧ ନଭେମ୍ବର ରେ ପାରାଦୀପ କଲେଜ ରେ 'ସ୍ୱେଚ୍ଛାକୃତ ରକ୍ତଦାନ' ଶିବିର ପାଇଁ ଆମନ୍ତ୍ରଣ କରିଛନ୍ତି ।

## ଉତ୍କଳ କେଶରୀ ଡ଼ଃ ହରେକୃଷ୍ଣ ମହତାବଙ୍କ ଜୟନ୍ତୀ ପାଳିତ



ଫୁଲନଖରା,(ପି.ଏନ): ଉତ୍କଳ କେଶରୀ ଡ଼ଃ.ହରେକୃଷ୍ଣ ମହତାବଙ୍କ ୧୨୬ତମ ଜୟନ୍ତୀ ଉପଲକ୍ଷେ ୪୨ ମୌଜା ଦେଉଳି ସ୍ଥିତ ବାଲୁଙ୍କେଶ୍ୱର ନୋଡାଲ ଉଚ୍ଚ ବିଦ୍ୟାପୀଠ ଠାରେ ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଡ଼ଃ.ହରେକୃଷ୍ଣ ମହତାବ ଫାଉଣ୍ଡେସନର ଆବାହକ ସନ୍ତୋଷ କୁମାର ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ୪୨ମୌଜାର ବିଭିନ୍ନ ବିଦ୍ୟାଳୟରୁ ମୋଟ ୩୫ ଜଣ ଛାତ୍ର ଛାତ୍ରୀ ଅଂଶ ଗ୍ରହଣ କରିଥିଲେ । ସମ୍ମାନସ୍ପଦ ବିଚାରକ ଭାବେ ଅଧ୍ୟାପକ ପ୍ରଫୁଲ୍ଲ ଦାସ,ସାହିତ୍ୟିକ ଡ଼ଃ.ଚିତରଞ୍ଜନ ବେହେରା,ଶିକ୍ଷାବିତ ଗୌତମ ଚରଣ ପରିଡା,ଅଲ୍ଲାକୁଦ ଜମାନ ଖାନ,ଚିତ୍ରଶିଳ୍ପୀ ଶୁକଦେବ ମହାରଣା,ସତ୍ୟ ନାରାୟଣ ରଥ ଓ ଦୁର୍ଗାପ୍ରସାଦ ପତି ପ୍ରମୁଖ ଉପସ୍ଥିତ ଥିଲେ । ସମ୍ମାନୀୟ ଅତିଥି ଭାବେ ସାମ୍ବାଦିକ ବୁଲେଇ ବେହେରା,ଅଫସାର ଅଲ୍ଲୀ ଖାନ,ସାମ୍ବାଦିକ ସ୍ମିତରଞ୍ଜନ ମହାନ୍ତି ଓ ସମାଜସେବୀ ବାବାଜୀ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ । ବକ୍ତୃତା ପ୍ରତିଯୋଗିତାରେ ସିନିୟର ବିଭାଗରୁ ଶ୍ରୀଯାଜ୍ଞଶ୍ରୀ ଦାସ ବାଲୁଙ୍କେଶ୍ୱର ନୋଡାଲ ଉଚ୍ଚ ବିଦ୍ୟାଳୟ ପ୍ରଥମ,ଆୟୁଷ୍ ମହାନ୍ତି ବେକାର ନୋଡାଲ ଉଚ୍ଚ ବିଦ୍ୟାଳୟ ଦ୍ୱିତୀୟ, ବିଦ୍ୟୁସ୍ମିତା ଦାସ ପାର୍ବତୀ ନୋଡାଲ ଉଚ୍ଚ ବିଦ୍ୟାଳୟ ତୃତୀୟ ସ୍ଥାନ ଅଧିକାରୀ କରିଛନ୍ତି । ଜୁନିୟର ବିଭାଗରୁ ବିଶ୍ୱପ୍ରକାଶ ସେନାପତି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର-ପ୍ରଥମ,ଅର୍ପିତା ପତି ବେକାର ନୋଡାଲ ସ୍କୁଲ ଦ୍ୱିତୀୟ, ମାମାଲି ରାଉତ ପାର୍ବତୀ ନୋଡାଲ ସ୍କୁଲ ତୃତୀୟ ସ୍ଥାନ ଅଧିକାରୀ କରିଛନ୍ତି । ସେହିପରି ଚିତ୍ରାଙ୍କନ ପ୍ରତିଯୋଗିତାରେ ସିନିୟର ବିଭାଗରୁ ବର୍ଷାରାଣୀ ବେହେରା ବାଲୁଙ୍କେଶ୍ୱର ନୋଡାଲ ଉଚ୍ଚ ବିଦ୍ୟାଳୟ ପ୍ରଥମ,ସସ୍ମିତା ସାହୁ ବେକାର ନୋଡାଲ ଉଚ୍ଚ ବିଦ୍ୟାଳୟ ଦ୍ୱିତୀୟ,ଆଦିତ୍ୟ କେତନ ଚୌଧୁରୀ ବେକାର ନୋଡାଲ ଉଚ୍ଚ ବିଦ୍ୟାଳୟ ତୃତୀୟ ସ୍ଥାନ ଅଧିକାରୀ କରିଛନ୍ତି । ଜୁନିୟର ବିଭାଗରୁ ସ୍ମୃତିପ୍ରଜ୍ଞା ବିନ୍ଧାଣି କୁଳସରିଚୁଆଁ ନୋଡାଲ ସ୍କୁଲ ପ୍ରଥମ,ସ୍ମୃତି ରେଖା ନାୟକ ପାର୍ବତୀ ନୋଡାଲ ସ୍କୁଲ ଦ୍ୱିତୀୟ,ସୂର୍ଯ୍ୟଂଶ ରଥ ବେକାର ନୋଡାଲ ସ୍କୁଲ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ସୁଦର୍ଶନ ବେହେରା,ଶିକ୍ଷୟତ୍ରୀ ସସ୍ମିତା କାନୁନଗୋ, ତୃପ୍ତିମୟୀ ପତି,କର୍ମକର୍ତା ବିଜୟ କୁମାର ପ୍ରଧାନ,ଜଗବନ୍ଧୁ ବେହେରା,ଚଂଳା ପତି ଓ ସୁକାନ୍ତି ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ ।

## ସୂର୍ଯ୍ୟା ରୋଶ୍‌ନୀ ର ଟର୍ବୋ ଫ୍ଲେକ୍ସ ରେ ସହ ୱ୍ୟାର ଓ କେବୁଲ ସେଗ୍‌ମେଂଟରେ ପ୍ରବେଶ




ଭୁବନେଶ୍ୱର,(ପି.ଏନ): ଲାଇଟିଙ୍ଗ, ଫ୍ୟାନ, ହୋମ ଆପ୍ଲାଏନ୍ସ, ଷ୍ଟିଲ ଓ ପିଭିସି ପାଇପ କ୍ଷେତ୍ରରେ ଭାରତର ଅନ୍ୟତମ ବିଶ୍ୱସନୀୟ ସଂସ୍ଥା ସୂର୍ଯ୍ୟା ରୋଶ୍‌ନୀ ଏହାର ନୂଆ ଟର୍ବୋ ଫ୍ଲେକ୍ସ ରେର ଲଂଚ ସହିତ ୱ୍ୟାର ଓ କେବୁଲ ସେଗ୍‌ମେଂଟରେ ପ୍ରବେଶ କରିଛି । ନୂଆ ଟର୍ବୋ ଫ୍ଲେକ୍ସ ରେ ହେଉଛି ଆଧୁନିକ ଘର ଓ ବାଣିଜ୍ୟିକ ପ୍ରତିଷ୍ଠାନଗୁଡିକ ପାଇଁ ନିର୍ମିତ ସୁରକ୍ଷା, ସ୍ଥାୟିତ୍ୱ ଓ ବିବିଧତାର ଏକ ଶକ୍ତିଶାଳୀ ମିଶ୍ରଣ ଯାହା ଇଲେକ୍ଟ୍ରିକାଲ ସଲ୍ୟୁଶନ୍ସ ମାର୍କେଟରେ କମ୍ପାନୀର ସ୍ଥିତିକୁ ସୁଦୃଢ କରୁଛି । ନୂଆ କରି ଉନ୍ମୋଚିତ ହୋଇଥିବା ୱ୍ୟାରଗୁଡିକ ଦୁଇଟି ଭାରିଆଂଟ : ଟର୍ବୋ ଫ୍ଲେକ୍ସ - ଏଫଆର (ଫ୍ଲେମ ରିଟାର୍‌ଡାଂଟ) ଓ ଟର୍ବୋ ଫ୍ଲେକ୍ସ ଗ୍ରୀନ-ଏଫ୍‌ଆରଏଲ୍‌ଏସଏଚ (ଫ୍ଲେମ ରିଟାର୍‌ଡେଂଟ ଲୋ ସ୍ମୋକ ଆଣ୍ଡ ହାଲୋଚେନ)ରେ ଏବଂ ଏକ ଆରଓଏଚଏସ (ରେଷ୍ଟ୍ରିକ୍ସନ ଅଫ୍ ହାଜାର୍ଡସ ସବ୍‌ଷ୍ଟାନ୍ସେସ) ସହିତ ଉପଲବ୍ଧ ହେଉଛି । ଏହା ୭ଟି ଆକର୍ଷଣୀୟ ରଙ୍ଗ ଯେପରିକି କଳା, ଲାଲ, ନୀଳ, ସବୁଜ, ଧୂସର, ଧଳା ଓ ହଳଦିଆରେ ଉପଲବ୍ଧ ହେଉଥିବାବେଳେ ଏହାର ମୂଲ୍ୟ ୧୫୦୦ ଟଙ୍କାରୁ ୧୦,୦୦୦ ଟଙ୍କା ମଧ୍ୟରେ ରହିଛି ।ଏହି ଅବସରରେ ସୂର୍ଯ୍ୟା ରୋଶ୍‌ନୀ ଲିଃର ଅଧ୍ୟକ୍ଷ, ପଦ୍ମଶ୍ରୀ ଜେ.ପି ଅଗ୍ରୱାଲ କହିଛନ୍ତି, 'ଟର୍ବୋ ଫ୍ଲେକ୍ସ ରେ ଏକ ତାରଠାରୁ ଅଧିକ କିଛି ଅଟେ, ଏହା ପ୍ରତ୍ୟେକ ଘର ପାଇଁ ସୁରକ୍ଷା ଓ ସୂର୍ଯ୍ୟାର ଗୁଣବତା ପ୍ରତିଶ୍ରୁତିର ପ୍ରତୀକ ଅଟେ ଯାହା ଅନେକ ପିଢି ପର୍ଯ୍ୟ' ଚାଲିଥାଏ । ଟର୍ବୋ ଫ୍ଲେକ୍ସ ୱ୍ୟାର୍‌ସ ସହିତ ଆମେ ସୁରକ୍ଷା, ଶକ୍ତି, ସ୍ଥାପନା ସୁବିଧା ଓ ସ୍ଥାୟିତ୍ୱର ପ୍ରତିଶ୍ରୁତି ପ୍ରଦାନ କରୁଛୁ, ଯାହା ଦାୟିତ୍ୱପୂର୍ଣ୍ଣ ଉତ୍ପାଦନ ପ୍ରତି ଆମର ପ୍ରତିବଦ୍ଧତାକୁ ସୂଚିତ କରୁଛି ।' ସେହିପରି କମ୍ପାନୀର ସିଇଓ ବସୁମିତ୍ର ପାଣ୍ଡେ କହିଛନ୍ତି, 'ସୂର୍ଯ୍ୟା ସହିତ ଆମେ କେବଳ ତାର ପ୍ରଦାନ କରୁନାହୁଁ ବରଂ ଏକ ଭବିଷ୍ୟତ ପ୍ରସ୍ତୁତ ସଂଯୋଗ ଦେଉଛୁ ଯାହା ପ୍ରତ୍ୟେକ ଭାରତୀୟ ଘର ଓ ବ୍ୟବସାୟ ପାଇଁ ସୁରକ୍ଷା, ନିର୍ଭରଯୋଗ୍ୟତା ଓ କାର୍ଯ୍ୟଦକ୍ଷତା ନିଶ୍ଚିତ କରିଥାଏ ।' ଏହାର ହାଇ ଇନ୍‌ସୁଲେଶନ ରେଜିଷ୍ଟାନ୍ସ (ଏଚଆଇଆର) ଗୁଣ, ସ୍ଥାୟିତ୍ୱ ଓ ସୁରକ୍ଷା ଦୃଷ୍ଟିରୁ ଏହି ତାରଗୁଡିକୁ ବଜାରରେ ଏକ ବିଶ୍ୱସନୀୟ ବିକଳ୍ପରେ ପରିଣତ କରିଛି । ସୂର୍ଯ୍ୟା ଟର୍ବୋ ଫ୍ଲେକ୍ସ ରେ ପିଭିସି ଇନ୍‌ସୁଲେଟେଡ ଅଟେ ଯାହାକି ଅତ୍ୟଧିକ ଉତାପ ପ୍ରତିରୋଧୀ ଅଟେ ଓ ଜଟିଳ ସ୍ଥିତିରେ ବାଧାହୀନ କାର୍ଯ୍ୟଦକ୍ଷତା ନିଶ୍ଚିତ କରିଥାଏ । ପ୍ରତ୍ୟେକ ତାରକୁ ୧୧୦୦ ଭୋଲ୍ଟ ପାଇଁ ପରୀକ୍ଷଣ ଓ ମୂଲ୍ୟାଙ୍କନ କରାଯାଇଛି । ଏହି ତାରଗୁଡିକ ୦.୭୫ ବର୍ଗ ମିମିରୁ ୬ ବର୍ଗ ମିମି ସାଇଜ ମଧ୍ୟରେ ଉପଲବ୍ଧ ହେଉଛି ଯାହା ଆଇଏସ ୬୯୪:୨୦୧୦ ବିଆଇଏସ ସାର୍ଟିଫିକେଶନକୁ ସୁନିଶ୍ଚିତ କରୁଛି । ଏହା ଏକ ନିଶ୍ଚିତ ୯୦-ମିଟର ଲମ୍ବରେ ଆସୁଛି ଏବଂ ଉଭୟ ଲାଇଟ-ଡ୍ୟୁଟି ଓ ହେଭି ଡ୍ୟୁଟି ପ୍ରୟୋଗ ପାଇଁ ଉପଯୁକ୍ତ ଅଟେ ।

## ଜାତୀୟ ଶିକ୍ଷା ଦିବସରେ ଛାତ୍ରଛାତ୍ରୀ ପୁରସ୍କୃତ

ଯାଜପୁର,(ପି.ଏନ): ଯାଜପୁରର ଦେବୀଦ୍ୱାରସ୍ଥିତ ବିରଜା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଆଜି ନଭେମ୍ବର ୧୧କୁ ନିରାଡମ୍ବର ଭାବେ ଜାତୀୟ ଶିକ୍ଷା ଦିବସ ପାଳନ ଉପଲକ୍ଷେ ଛାତ୍ରଛାତ୍ରୀଙ୍କ ମଧ୍ୟରେରେ ବିଭିନ୍ନ ପ୍ରତିଯୋଗିତା ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମକୁ ରିଜିଓନାଲ କଲେଜ, ରାମବାଗର ପ୍ରାକ୍ତନ ଅଧ୍ୟକ୍ଷ ତଥା ପ୍ରାଧ୍ୟାପକ ରଣଜିତ୍ ସିଂହ, ରାଜନୀତି ବିଜ୍ଞାନ ମୁଖ୍ୟ ଅତିଥିରୂପେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ଜାତୀୟ ଶିକ୍ଷାଦିବସର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ଏଥିରେ ଅଧ୍ୟକ୍ଷତା କରି ବିଦ୍ୟାଳୟର ପ୍ରଧାନଶିକ୍ଷକ କିଶୋର ଚନ୍ଦ୍ର ମଲ୍ଲିକ ସାମ୍ପ୍ରତିକ ଶିକ୍ଷା ବ୍ୟବସ୍ଥାର ବିଭିନ୍ନ ଦିଗ ବିଷୟରେ ଆଲୋଚନା କରିଥିଲେ । ମୁଖ୍ୟ ବକ୍ତାରୂପେ ଚିତାଳୋ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପକ ହିମାଂଶୁ ଶେଖର ସାମଲ ଯୋଗଦେଇ ସ୍ୱାଧୀନ ଭାରତର ପ୍ରଥମ ଶିକ୍ଷାମନ୍ତ୍ରୀ ମୌଲାନା ଅବୁଲ୍ କଲାମ ଆଜାଦ୍‌ଙ୍କ ଜୀବନାଦର୍ଶ ବିଷୟରେ ଆଲୋକପାତ କରିଥିଲେ ।

## ବ୍ଲେଣ୍ଡର୍ସ ପ୍ରାଇଡ ଫ୍ୟାଶନ ଟୁରର ନୂଆ ସଂସ୍କରଣ



ରାଉରକେଲା,(ପି.ଏନ): ଫ୍ୟାଶନ କ୍ଷେତ୍ରରେ ଭାରତର ସବୁଠାରୁ ସ୍ୱଷ୍ଟ ସ୍ୱର, ବ୍ଲେଣ୍ଡର୍ସ ପ୍ରାଇଡ୍ ଫ୍ୟାଶନ ଟୁର ୨୦୨୫ ରେ ଆଉ ଏକ ଚମତ୍କାର ସଂସ୍କରଣ ସହିତ ଫେରି ଆସୁଛି । ଏହି ଟୁର ଫ୍ୟାଶନ, ସୃଜନଶୀଳତା ଏବଂ ସଂସ୍କୃତିକୁ ଏକତ୍ରିତ କରି 'ଦି ୱାନ୍ ଆଣ୍ଡ ଓନଲି' ଷ୍ଟେଜ୍ ସୃଷ୍ଟି କରିଛି । ଫ୍ୟାଶନ ଡିଜାଇନ କାଉନସିଲ ଅଫ ଇଣ୍ଡିଆ (ଏଫଡିସିଆଇ) ସହିତ ପୁଣି ଥରେ ହାତ ମିଳାଇ, ଫ୍ୟାଶନ ଟୁର୍ ଭାରତର ପ୍ରମୁଖ ଡିଜାଇନର୍ ଏବଂ ପ୍ରସିଦ୍ଧ ଷ୍ଟାଇଲ୍ ଆଇକନ୍ ମାନଙ୍କୁ ଏକାଠି କରି ଫ୍ୟାଶନର କ୍ଷେତ୍ରଗୁଡ଼ିକୁ ସଫଳତା ଦେଉଥିବା ଅଭିଜ୍ଞତା ଉପସ୍ଥାପନ କରିଛି । ଏହି ଟୁର୍ ଗୁରୁଗ୍ରାମରେ ଡିଜାଇନର୍ ଫାଲଗୁନି ଏବଂ ସେନ୍ ପିକକ୍, ଶାହିଦ୍ କପୁର ଏବଂ ତମନ୍ନା ଭାଟିଆଙ୍କ ସହ 'ଦି ଫ୍ୟୁଚରଭର୍ସ ଅଫ୍ ଫ୍ୟାଶନ୍' ସହିତ ଏକ ମାର୍ଗ ସ୍ଥିର କରିବ । ଯେଉଁଥିରେ ଫ୍ୟାଶନ୍ ଅଭିଜ୍ଞତାର ଭବିଷ୍ୟତକୁ ଉନ୍ମୋଚନ କରାଯିବ ଯାହାକି ରନୱେକୁ ଏକ ନୂଆ ରୂପ ଦେବ । ଏହା ପରେ ଏହି ଟୁର୍ 'ହାଇ ଅକ୍ଟେନ୍ କାଉଚର' ସହିତ ଜୟପୁରକୁ ଷ୍ଟାନା'ର କରିବ ଯେଉଁଠାରେ ଡିଜାଇନର୍ ଅଭିଷେକ ପାଟନୀ ଏବଂ ନମ୍ରତା ଜୋଶୀପୁରା ମୋଟରସ୍ପୋର୍ଟସ୍ ଜଗତରୁ ଫ୍ୟାଶନ୍ ରନୱେକୁ ଗତି, ଶକ୍ତି ଏବଂ ସଠିକତା ଆଣିବେ । ଏହି ଅବସରରେ ମିସ୍ ୟୁନିଭର୍ସ (୨୦୨୧) ହରନାଜ୍ ସାନ୍ଧୁ ଏବଂ ରାପର୍ ରଫତାରଙ୍କୁ ମଧ୍ୟ ଦେଖିବାକୁ ମିଳିବ । କୋଲକାତାର ଶେଷ ପର୍ଯ୍ୟାୟରେ 'ବ୍ରେକିଂ ଦି ମୋଲ୍‌ଡସ ଅଫ୍ ଫେସନ କ୍ରାଫ୍ଟ'ରେ ଆଇକନିକ୍ ଡିଜାଇନର ଅନାମିକା ଖାନ୍ନାଙ୍କ ପୁନରାଗମନ ସହିତ ଈଶାନ ଖଟ୍ଟରଙ୍କ ଯୋଗଦେବେ । ଏସମ୍ପର୍କରେ ପରନୋଡ୍ ରିକାର୍ଡ ଇଣ୍ଡିଆର ସିଏମଓ, ଦେବଶ୍ରୀ ଦାସଗୁପ୍ତା କହିଛନ୍ତି, 'ବ୍ଲେଣ୍ଡର୍ସ ପ୍ରାଇଡ ଫ୍ୟାଶନ ଟୁର ଭାରତୀୟ ଫ୍ୟାଶନ୍‌ର ସବୁଠାରୁ ପ୍ରତିଷ୍ଠିତ ମଂଚ ହୋଇଛି । ଆମର 'ଦି ୱାନ୍ ଆଣ୍ଡ ଓନଲି' ମହତ୍ୱାକାଂକ୍ଷା ଦ୍ୱାରା ପରିଚାଳିତ, ଆମେ ଭାରତର ଶ୍ରେଷ୍ଠ ଡିଜାଇନର୍ ଏବଂ ଏଫଡିସିଆଇ ସହିତ ସହଯୋଗରେ ଫ୍ୟାଶନ୍ ଏବଂ ଷ୍ଟାଇଲ୍‌ର ବିକାଶକୁ ଆକାର ଦେବା ପାଇଁ ନୂତନ ମାନଦଣ୍ଡ ସ୍ଥାପନ କରିଚାଲିଛୁ । 'ଫ୍ୟାଶନ୍'ସ୍ ନେକ୍ସଟ୍ ମୁଭ୍' ସହିତ, ଆମେ ଫ୍ୟାଶନ୍‌ର ଭବିଷ୍ୟତ ଏବଂ ଷ୍ଟାଇଲ୍ ସହିତ ନେତୃତ୍ୱ ନେବାର ଅର୍ଥ କ'ଣ ତାହା ପ୍ରଦର୍ଶନ କରିବା ପାଇଁ ଏକ ସାହସିକ ଅଭିଯାନ କରୁଛୁ ଏବଂ ଏକ ଭବିଷ୍ୟତ ଗଠନ କରୁଛୁ ଯେଉଁଠାରେ ସୃଜନଶୀଳତା, ସଂସ୍କୃତି ଏବଂ ନବସୃଜନ ଏକତ୍ରିତ ହୁଏ । ଆମେ ଏକ ଭବିଷ୍ୟତ-ଆଗକୁ ଆକାର ଦେବାରେ ବିଶ୍ୱାସ କରୁ ଯାହା ପରବର୍ତୀ ପିଢ଼ିର ଗ୍ରାହକଙ୍କୁ ପ୍ରେରଣା ଦେବ ଏବଂ ସେମାନଙ୍କୁ ଆମର ପ୍ରତିଷ୍ଠିତ ଏବଂ ପ୍ରଗତିଶୀଳ ଦୁନିଆକୁ ଆମନ୍ତ୍ରଣ କରିବ ।' ସେହିଭଳି ଏଫଡିସିଆଇ ର ଅଧ୍ୟକ୍ଷ ସୁନୀଲ ସେଠି କହିଛନ୍ତି, 'ଏଫଡିସିଆଇ ବ୍ଲେଣ୍ଡର୍ସ ପ୍ରାଇଡ୍ ଫ୍ୟାଶନ୍ ଟୁର୍ ସହିତ ଏହାର ସହଯୋଗରେ ବହୁତ ଆନନ୍ଦିତ, ଯାହା ଫ୍ୟାଶନ୍‌ର ଦୁଇଟି ପାୱାରହାଉସକୁ ଏକାଠି କରୁଛି । ଏହି ସଂସ୍କରଣ ବିବିଧ ଡିଜାଇନ୍ ଦୃଷ୍ଟିକୋଣକୁ ଏକାଠି କରି ସୃଜନଶୀଳତା, ସଂସ୍କୃତିକୁ ପାଳନ କରୁଛି ଏବଂ ଭାରତରେ ଫ୍ୟାଶନ୍‌ର ଭବିଷ୍ୟତ ପାଇଁ ଗତି ସ୍ଥିର କରିଛି ।'

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)

FIND THE DIFFERENCE

●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES for Std I to Std V Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ

EDITOR : Dr. Pabitra Mohan Samantaray